بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୬ ଅକ୍ଟୋବର ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ନବୀଶିରୋମଣୀ ହଜରତ ମୁହମ୍ମଦସ.ଅ ଙ୍କର୍ ଅଳ୍ପକେ ସନ୍ତୁଷ୍ଟ ହେବା, ଅତି ସାଧାରଣ ତଥା ନିରାଡ଼ମ୍ବର୍ ଜୀବନର୍ ଆଦର୍ଶମୟ ନମୁନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅରରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍‌ୱରଅ.ବ ସୁରଃ ସ୍ୱାଦ୍‌ର ଆୟତାଂଶ ପାଠ କରି ଅନୁବାଦ ଉପସ୍ଥାପନ କଲେ- ତୁମେ କହିଦିଅ ଯେ ମୁଁ ଏହି ପ୍ରଚାର କାର୍ଯ୍ୟ ବଦଳରେ ତୁମ ଠାରୁ କୌଣସି ପାରିଶ୍ରମିକ ମାଗୁ ନାହିଁ । ନା ମୁଁ କୌଣସି ଆଡ଼ମ୍ବର ଠାଣିରେ କଥା ହେବାର ଅଭ୍ୟସ୍ତ । ଏହି ଆୟତରେ ଅଲ୍ଲାଃତାଲା ହଜରତ ମୁହମ୍ମଦସ.ଅଙ୍କ ଦ୍ୱାରା ଏହି ଘୋଷଣା କରାଉଛନ୍ତି ଯେ ଲୋକମାନଙ୍କୁ ଏହା ଜଣାଇ ଦିଅ ଯେ ମୁଁ ତୁମକୁ ଯେଉଁ ଅଲ୍ଲାଃତାଲାଙ୍କର ବାର୍ତ୍ତା ପହଞ୍ଚାଉଛି ଏବଂ ସଫଳତାର ମାର୍ଗ ଦେଖାଉଛି, ଏହା କେବଳ ତୁମର ଇହ ଓ ପରକାଳ ସୁଧାରିବା ପାଇଁ ତଥା ତୁମର ହିତ ସାଧନ ପାଇଁ ଅଟେ । ମତେ ଏହି କାମ ବଦଳରେ ତୁମ ଠାରୁ କିଛି ଦରକାର ନାହିଁ କିମ୍ବା ଆବଶ୍ୟକତା ମଧ୍ୟ ନାହିଁ । ମତେ ତ ଏହାର ପ୍ରତିଦାନ ସମସ୍ତ ଭଣ୍ଡାରର ମାଲିକଙ୍କ ଠାରୁ ମିଳୁଅଛି ।

ପ୍ରିୟ ହୁଜୁର ଅନୱ୍‌ୱରଅ.ବ କହିଲେ; ହଜରତ ମୁହମ୍ମଦସ.ଅଙ୍କର ଜୀବନ ସମସ୍ତ ପ୍ରକାରର ଆଡ଼ମ୍ବରତାରୁ ମୁକ୍ତ ଥିଲା ଏବଂ ଯେତେବେଳେ ଜୀବନ ଆଡ଼ମ୍ବରହୀନ ହୋଇଥାଏ ସେତେବେଳେ ସାଂସାରିକ ଇଚ୍ଛାଗୁଡ଼ିକ ରହେ ନାହିଁ । କାରଣ ଆବଶ୍ୟକୀୟ ଜିନିଷଗୁଡ଼ିକୁ ଅଲ୍ଲାଃତାଲା ନିଜେ ଯୋଗାଇ ଦିଅନ୍ତି । ବିଶ୍ୱାସକାରୀମାନଙ୍କ ପାଇଁ ମଧ୍ୟ ଏହି ଉପଦେଶ ରହିଛି ଯେ ନିଜକୁ ସରଳ ରଖନ୍ତୁ ଓ ଆଡ଼ମ୍ବର ମୁକ୍ତ କରନ୍ତୁ । ହଜରତ ଉସ୍‌ମାନ ବିନ୍ ଅଫାନ୍ର.ଅ ବର୍ଣ୍ଣନା କରନ୍ତି, ନବୀ କରିମ୍ସ.ଅ କହିଲେ; ଆଦମ୍‌ଙ୍କ ସନ୍ତାନଙ୍କ ପାଇଁ ଏହା ବ୍ୟତୀତ ଅନ୍ୟ କୌଣସି ଅଧିକାର ନାହିଁ, ଯେ ଗୋଟିଏ ଘର ହେଉ ଯେଉଁଥିରେ ସେ ବସବାସ କରିବ ଏବଂ ସେତିକି ପରିମାଣର ପୋଷାକ ହେଉ ଯାହା ତାର ଶରୀରକୁ ଢ଼ାଙ୍କି ପାରିବ ଓ (ଜୀବିତ ରହିବାକୁ) ଶୁଖିଲା ରୁଟି ଓ ଜଳ ଉପଲବ୍ଧ ଥିବ । ପ୍ରକୃତରେ ହୁଜୁରସ.ଅ ନିଜର ଅବସ୍ଥା ଓ ନିଜ ଜୀବନର ନକ୍ସା ଚିତ୍ରଣ କରିଛନ୍ତି ଯେ ମତେ କୌଣସି ଆଡ଼ମ୍ବରର ଆବଶ୍ୟକତା ନାହିଁ । ହଜରତ ଅବୁ ସଈଦ୍ ଖୁଦ୍ରୀର.ଅ ଉଲ୍ଲେଖ କରିଛନ୍ତି, ହୁଜୁରସ.ଅ କହିଲେ; ଗରିବ ଲୋକମାନଙ୍କୁ ଭଲପାଅ । ସେ ଆହୁରି କୁହନ୍ତି; ମୁଁ ମହାଭାଗଙ୍କୁ ଏହି ଦୁଆ କରୁଥିବାର ଶୁଣିଛି, "ହେ ଅଲ୍ଲାଃ! ମତେ ଜଣେ **ମିସକୀନ୍** (ଗରିବ) ଭାବରେ ଜୀବିତ ରଖ ଏବଂ ସେହି ଅବସ୍ଥାରେ ମୃତ୍ୟୁ ଦେବ ଓ **ମିସକୀନ୍**ମାନଙ୍କ ଦଳରେ ମୋର ପୁନରୁତ୍‌ଥାନ କରିବ ।"

ହଜରତ ଅବୁ ଉମାମାର.ଅ ବର୍ଣ୍ଣନା କରନ୍ତି, ସାହାବୀମାନେ ହୁଜୁରସ.ଅଙ୍କ ନିକଟରେ ଇହ ଜଗତର ଚର୍ଚ୍ଚା କଲେ । ଏଥିରେ ହୁଜୁରସ.ଅ ଦୁଇଥର ସମ୍ବୋଧନ କରି ଧ୍ୟାନ ଆକର୍ଷିତ କଲେ, ଯେ କ'ଣ ତୁମେ ଶୁଣୁ ନାହଁ । ନିଶ୍ଚିତ ଭାବରେ ସରଳତା ବିଶ୍ୱାସର ଏକ ଅଂଶ, ନିଶ୍ଚିତ ଭାବରେ ସରଳତା ବିଶ୍ୱାସର ଏକ ଅଂଶ । ହଜରତ ଇମ୍ରାନ୍ ବିନ୍ ହୁସୈନ୍ର.ଅ ବର୍ଣ୍ଣନା କରନ୍ତି, ରସୁଲୁଲ୍ଲାଃସ.ଅ କହିଲେ; ନିଶ୍ଚିତ ରୂପେ ଅଲ୍ଲାଃ ସେହି ଭକ୍ତକୁ ଭଲ ପାଆନ୍ତି ଯିଏ ବିଶ୍ୱାସକାରୀ, ଅଭାବୀ, ନିରାଶ୍ରୟ ଓ ଭିକ୍ଷା ମାଗିବାରୁ ବଞ୍ଚି ରହିଥାଏ ଏବଂ ନିଜ ପରିବାରର ପ୍ରତିପୋଷଣକାରୀ । ତେବେ ମନୁଷ୍ୟ ସେତେବେଳେ ହିଁ ଭିକ୍ଷା ମାଗିବାରୁ ବଞ୍ଚିପାରେ ଯେତେବେଳେ ତାର ଜୀବନରେ ସରଳତା ଓ ସନ୍ତୋଷ ଥାଏ । ହଜରତ ଅବ୍ଦୁଲ୍ଲାଃ ବିନ୍ ଉମରର.ଅ ବର୍ଣ୍ଣନା କରନ୍ତି, ଗରିବ ପ୍ରବାସକାରୀ ସାହାବୀମାନେ ହୁଜୁରସ.ଅଙ୍କ ସମ୍ମୁଖରେ ଧନୀମାନଙ୍କର ଶ୍ରେଷ୍ଠତା ବିଷୟରେ ଅଭିଯୋଗ କଲେ ସେତେବେଳେ ହୁଜୁରସ.ଅ ତାଙ୍କୁ ସୁସମାଚାର ଦେଲେ, ଗରିବ ବିଶ୍ୱାସକାରୀମାନେ **ଜନ୍ନତ୍**ରେ ନିଜର ଧନୀମାନଙ୍କ ଅପେକ୍ଷା ଅର୍ଦ୍ଧଦିନ ଅର୍ଥାତ୍ ୫୦୦ବର୍ଷ ପୂର୍ବରୁ ପ୍ରବେଶ କରିବେ । ବର୍ଣ୍ଣନାକାରୀ ଆୟତ ପାଠ କଲେ- ନିଶ୍ଚିତ ରୂପେ ତୁମ

ପ୍ରଭୁଙ୍କ ନିକଟରେ ଏଭଳି ଏକ ଦିନ ବି ଅଛି ଯାହା ସେହି ଗଣନା ଅନୁଯାୟୀ, ଯାହା ତୁମେମାନେ କରିଥାଅ ଅର୍ଥାତ୍ ଏକ ହଜାର ବର୍ଷ ତେଣୁ ଅର୍ଦ୍ଧଦିନର ଅର୍ଥ ପାଞ୍ଚ ଶହ ବର୍ଷ ଅଟେ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହାର ଅର୍ଥ ନୁହେଁ ଯେ ମନୁଷ୍ୟ ହାତରେ ହାତ ରଖି ବସିରହିବ ଏବଂ କୌଣସି କାମ କରିବ ନାହିଁ । ବରଂ ପୂର୍ଣ୍ଣ ଧ୍ୟାନ ଓ ପରିଶ୍ରମ ସହିତ କାମ କରିବା, ସରଳ ଜୀବନଯାପନ କରିବା, ସନ୍ତୋଷ ରଖିବା ଏବଂ କୃତଜ୍ଞତା ଜ୍ଞାପନ କରିବା ବିଶ୍ୱାସକାରୀର ଶୈଳୀ, ଯାହା ବିଶ୍ୱାସକୁ ବୃଦ୍ଧି କରିଥାଏ । ହଜରତ ଅବ୍ଦୁଲ୍ଲାଃ ବିନ୍ ଉମର୍[ର.ଅ]ଙ୍କ ଠାରୁ ବର୍ଣ୍ଣନା ମିଳେ ହୁଜୁର[ସ.ଅ] ମୋର କାନ୍ଧକୁ ଧରି କହିଲେ; **ତୁମେ ସଂସାରରେ ଏପରି ଭାବରେ ଜୀବନ ଅତିବାହିତ କର ଯେପରି ଜଣେ ପ୍ରବାସୀ କିମ୍ବା ରାସ୍ତାରେ ଯାଉଥିବା ପଥିକ** । ଇବନ୍ ଉମର୍[ର.ଅ] କହୁଥିଲେ, ଯଦି ସନ୍ଧ୍ୟା ହୁଏ ତେବେ ସକାଳକୁ ଅପେକ୍ଷା କର ନାହିଁ ଏବଂ ସକାଳ ହେଲେ ସନ୍ଧ୍ୟାକୁ ଅପେକ୍ଷା କର ନାହିଁ । ନିଜ ସ୍ୱାସ୍ଥ୍ୟରୁ ରୋଗ ପାଇଁ ଓ ଜୀବନରୁ ମୃତ୍ୟୁ ପାଇଁ କିଛି ସମ୍ବଳ ପ୍ରସ୍ତୁତ କରି ରଖ ।

ହଜରତ ଉମର୍[ର.ଅ]ଙ୍କ ଠାରୁ ବର୍ଣ୍ଣିତ ଯେ ସେ ମଞ୍ଚ ଉପରେ ଘୋଷଣା କଲେ ଯେ ମୁଁ ନବୀ[ସ.ଅ]ଙ୍କୁ ଶୁଣିଛି, ହୁଜୁର[ସ.ଅ] କହୁଥିଲେ; ମୋର ପ୍ରଶଂସା କରିବାରେ ଅତିଶୟତା ଅବଲମ୍ବନ କର ନାହିଁ, ଯେପରି ଖ୍ରୀଷ୍ଟଧର୍ମୀମାନେ ମରିୟମ୍ ପୁତ୍ର ହଜରତ ଈସାଙ୍କର ପ୍ରଶଂସାରେ ଅତିଶୟତା ଅବଲମ୍ବନ କରିଛନ୍ତି । ମୁଁ ତ କେବଳ ଅଲ୍ଲାଃଙ୍କର ଜଣେ ଭକ୍ତ, ଏଣୁ ତୁମେମାନେ ମୋତେ ଅଲ୍ଲାଃଙ୍କ ଭକ୍ତ ଓ ତାଙ୍କର ରସୁଲ ବୋଲି ହିଁ କୁହ । ମୁତରିଫ୍ ନିଜ ପିତାଙ୍କ ଠାରୁ ବର୍ଣ୍ଣନା କରନ୍ତି, ଆମେ ବନୁ ଆମିର୍‌ର ପ୍ରତିନିଧି ଦଳରେ ହୁଜୁର[ସ.ଅ]ଙ୍କୁ କହିଲୁ; ଆପଣ ଆମର ସର୍ଦ୍ଦାର । ତହୁଁ ମହାଭାଗ କହିଲେ, ସର୍ଦ୍ଦାର ତ କେବଳ ଅଲ୍ଲାଃ । ପୁଣି ଆମେ କହିଲୁ ଯେ ଆପଣ ଉତ୍କର୍ଷରେ ସର୍ବଶ୍ରେଷ୍ଠ ଓ ଉପକାରରେ ମହାନତମ । ଏଥିରେ ହୁଜୁର[ସ.ଅ] କହିଲେ; ଏହି ବୃଥା ପ୍ରଶଂସାଗୁଡ଼ିକ ଛାଡ଼ ଓ ନିଜ ଆସିବାର ଉଦ୍ଦେଶ୍ୟ ବ୍ୟକ୍ତ କର । କାରଣ ଏହି କୁସଂସ୍କାର ଦ୍ୱାରା ଶୈତାନ ତୁମକୁ ଦୁଃସାହସୀ କରି ନଦେଉ । ହଜରତ ରବୀଆ ବିନ୍ତ୍ ମୁଆୱିଦ୍[ର.ଅ] ବର୍ଣ୍ଣନା କରନ୍ତି, ତାଙ୍କ ବିବାହରେ କମ୍ ବୟସ୍କ କନ୍ୟାମାନେ ବାଜା ବଜାଇ ବଦର୍ ଯୁଦ୍ଧର ଶହୀଦ୍‌ମାନଙ୍କ ପ୍ରଶଂସା କରୁଥିଲେ । ସେମାନଙ୍କ ମଧ୍ୟରୁ ଜଣେ ବାଳିକା କହିଲା; ଆମ ମଧ୍ୟରେ ଏପରି ଜଣେ ନବୀ ଅଛନ୍ତି ଯିଏ ଜାଣନ୍ତି ଯେ ଆସନ୍ତାରେ କ'ଣ ସବୁ ଘଟିବ । ପୁଣ୍ୟଶ୍ଳୋକ କହିଲେ; ଏହାକୁ କହିବାକୁ ଦିଅ ଓ ସେହି ଗୀତ ଗାଅ ଯାହା ପୂର୍ବରୁ ଗାଉଥିଲ । ଯେଉଁଠାରେ ଅନାବଶ୍ୟକ ପ୍ରଶଂସା ଓ **ଶିର୍କ** (ଈଶ୍ୱରଙ୍କ ସମତୁଲ୍ୟ କରିବା)ର କଥା ଆସିଲା, ସେଠାରେ ହୁଜୁର[ସ.ଅ] ସେଥିରୁ ତୁରନ୍ତ ବାରଣ କରିଦେଲେ ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ]ଙ୍କର ଆବାସ ଓ ନିରାଡ଼ମ୍ବର ଜୀବନଶୈଳୀର ବର୍ଣ୍ଣନା ଏପରି ମିଳୁଅଛି ଯେ ପ୍ରବାସ ପରେ ମସଜିଦ୍ ନବୀ ସହିତ ୧୦/୧୫ଫୁଟ୍‌ର ଏକ ଛୋଟ ଗୃହ ନିର୍ମାଣ କରାଗଲା, ଯାହାର ଦ୍ୱାର **ମସଜିଦ୍** ପାର୍ଶ୍ୱକୁ ରଖାଯାଇଥିଲା । ସେହି ପଟେ ମହାଭାଗ ନମାଜ ପାଠ କରିବାକୁ ମସଜିଦ୍‌କୁ ଆସୁଥିଲେ । ହଜରତ ମିର୍ଜା ବଶିର୍ ଅହମଦ ସାହେବ[ର.ଅ] ସ୍ୱରଚିତ ପୁସ୍ତକ 'ସୀରତ୍ ଖାତମୁନ୍ ନବୀଇନ୍'ରେ ଉଲ୍ଲେଖ କରିଛନ୍ତି ଯେ ଇତିହାସରେ ବିସ୍ତୃତ ଭାବରେ ବର୍ଣ୍ଣିତ ରହିଛି, ହଜରତ ହାରିସା ବିନ୍ ନୁଅମାନ୍[ର.ଅ]ଙ୍କର ମସଜିଦ୍ ଆଖପାଖରେ ଅନେକଗୁଡ଼ିଏ ଘର ଥିଲା । ହୁଜୁର[ସ.ଅ]ଙ୍କ ସହିତ ଯେତେବେଳେ କୌଣସି ନୂତନ ପତ୍ନୀଙ୍କର ବିବାହ ହେଉଥିଲା ସେତେବେଳେ ହଜରତ ହାରିସା[ର.ଅ] ନିଜର ଗୋଟିଏ ଘର ହୁଜୁର[ସ.ଅ]ଙ୍କୁ ଦେଇ ଦେଉଥିଲେ । ଏପରିକି ହାରିସା[ର.ଅ]ଙ୍କର ସମସ୍ତ ଘର ମହାଭାଗଙ୍କର ହୋଇଗଲା, ଯାହାକି ମୋଟ ନଅଟି ଘର ଥିଲା । ଯହିଁରେ ମହାଭାଗ ଶେଷ ଦଶ ବର୍ଷ ବିତାଇ ଥିଲେ ଓ ହଜରତ ଆଏଶା[ର.ଅ]ଙ୍କ ଘରେ ହିଁ ପବିତ୍ର ଅବତାରଙ୍କୁ ସମାଧି ଦିଆଯାଇଥିଲା । ଏହି ଘରଗୁଡ଼ିକ ଇଟା, ମାଟି ଓ ଖଜୁରି ଡ଼ାଳରେ ନିର୍ମିତ ହୋଇଥିଲା । ଯହିଁରେ ପଶମ ତିଆରି କମ୍ବଳ ପକାଯାଇଥିଲା, ଯେପରି ପରଦାର ଆଢୁଆଳ ରକ୍ଷା ହୋଇପାରିବ । ଆଉ ପ୍ରତି କୋଠରୀର ଲମ୍ବ ପ୍ରାୟ ପାଞ୍ଚ ମିଟର ଓ ପ୍ରସ୍ଥ ଚାରି ମିଟର ଥିଲା । ଅଗଣାର ପ୍ରସ୍ଥ ପ୍ରାୟ ସାଢ଼େ ତିନି ମିଟର୍ ଥିଲା । ଛାତଗୁଡ଼ିକ ଏତେ ତଳେ ଥିଲା ଯେ ହାତ ଉଠାଇଲେ ତାହାକୁ ଛୁଇଁ ହେଉଥିଲା ।

ହଜରତ ଅତା[ର.ଅ] ବର୍ଣ୍ଣନା କରନ୍ତି, ସାଜିଦ୍ ବିନ୍ ମୁସୈବ[ର.ଅ] କୋଠରୀଗୁଡ଼ିକ ଭଙ୍ଗାଯିବା ଦିନ କହିଥିଲେ; ଅଲ୍ଲାଃଙ୍କ ରାଣ ! ମୁଁ ଚାହୁଁଥିଲି ଏହି ଘରଗୁଡ଼ିକୁ ତାହାର ପୂର୍ବ ଅବସ୍ଥାରେ ହିଁ ଛାଡ଼ିଦିଆ ଯାଇଥା'ନ୍ତା କି ! ଯେପରି ଲୋକମାନେ ଦେଖିଥା'ନ୍ତେ ଯେ ମହାଭାଗ କେତେ କମ୍ ଜିନିଷରେ ସନ୍ତୁଷ୍ଟ ଥିଲେ । ହଜରତ ଅବୁ ଉମାମା[ର.ଅ] କହିଲେ; ସେହି କୋଠରୀଗୁଡ଼ିକ ସେମିତି ଛାଡ଼ି ଦିଆଯାଇଥାନ୍ତା କି! ଫଳରେ ଲୋକମାନେ ବଡ ବଡ ଅଟ୍ଟାଳିକା ନିର୍ମାଣ କରିବାରେ ଅମନୋଯୋଗୀ ହୋଇଥା'ନ୍ତେ । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଆମକୁ ଚିନ୍ତା କରିବା ଉଚିତ୍ ଯେ ହୁଜୁର[ସ.ଅ] କିପରି ଅଟ୍ଟାଳିକା ସହିତ ପ୍ରାରମ୍ଭରୁ ଶେଷ

ମୁହୂର୍ତ୍ତ ପର୍ଯ୍ୟନ୍ତ ନିଜର ଅବତାର ହେବାର ଦାବିରେ ଅଟଳ ଓ ଦୃଢ଼ ରହିଥିଲେ, ଯଦିଓ ହଜାର ହଜାର ବିପଦ... ସୃଷ୍ଟି ହୋଇଥିଲା । ବର୍ଷ ବର୍ଷ ଧରି ସେହି ସବୁ ଦୁଃଖ ଓ ଯନ୍ତ୍ରଣା ଭୋଗ କରିବାକୁ ପଡିଥିଲା, ଯାହା ସଫଳତା ପ୍ରସଙ୍ଗରେ ସମ୍ପୂର୍ଣ୍ଣ ନିରାଶ କରୁଥିଲା । ପୁଣି ତାହା ଦିନ ପ୍ରତିଦିନ ବୃଦ୍ଧି ପାଉଥିଲା, ଯେଉଁଗୁଡ଼ିକ ଉପରେ ଧୈର୍ଯ୍ୟ ଧରିବା ଦ୍ୱାରା କୌଣସି ପାର୍ଥିବ ଉଦ୍ଦେଶ୍ୟ ହାସଲ ହେବାର ଆଶା ମଧ୍ୟ କରାଯାଇପାରୁ ନଥିଲା... । ତତ୍ପରେ ଯେତେବେଳେ ଦୀର୍ଘକାଳ ପରେ ଇସଲାମର ବିଜୟ ହେଲା ସେତେବେଳେ ସେହି ଐଶ୍ୱର୍ଯ୍ୟ ଓ ସୌଭାଗ୍ୟର ଦିନଗୁଡ଼ିକରେ (ମହାଭାଗ) କୌଣସି ଧନ ସଞ୍ଚୟ କଲେ ନାହିଁ । କୌଣସି ପ୍ରାସାଦ କିମ୍ବା କୋଠା ନିର୍ମାଣ କଲେ ନାହିଁ..., **ବରଂ ଯାହାକିଛି ଆସିଥିଲା ସେସବୁ ଅନାଥ, ଦରିଦ୍ର, ବିଧବା ଓ ଋଣଗ୍ରସ୍ତମାନଙ୍କ ସେବା ଏବଂ ସହାୟତାରେ ଖର୍ଚ୍ଚ ହୋଇଯାଉ ଥିଲା, କେବେବି ପେଟପୂରା ଖାଇ ନଥିଲେ ।**

ହଜରତ ଆଏଶା[ର.ଅ]ଙ୍କ ଘରେ ହୁଜୁର[ସ.ଅ] ବିଛଣା ଚମଡ଼ାର ଥିଲା, ଯେଉଁଥିରେ ଖଜୁରି ଲୋମ ଭର୍ତ୍ତି ହୋଇଥିଲା । ହଜରତ ହଫସା[ର.ଅ]ଙ୍କ ଘରେ ଉଷ୍ଟ୍ର ପଶମର ଏକ କମ୍ବଳ ଥିଲା, ଯାହାକୁ ସେ ଦୁଇ ପରସ୍ତ କରି ବିଛାଇ ଦେଉଥିଲେ । ଏକଦା ରାତିରେ ସେ ତାହାକୁ ଚାରି ପରସ୍ତ ବିଛାଇ ଦେଲେ ସେଦିନ ସକାଳେ ହୁଜୁର[ସ.ଅ] କହିଲେ; ଏହାକୁ ପୂର୍ବପରି ହିଁ ରଖ । କାରଣ ଏହାର ନରମପଣ ମୋତେ ରାତିରେ ନମାଜ ପଢ଼ିବାରେ ବାଧା ସୃଷ୍ଟି କରୁଛି । ଏଠାରେ ନିଦ ବୁଝାଯାଇ ନାହିଁ, ବରଂ ବିଛଣା ଉପରେ ଠିଆ ହୋଇ ନମାଜ ପଢ଼ିବା ସମୟରେ ଭାରସାମ୍ୟ ଓ ଉପାସନାର ଆନନ୍ଦକୁ ବୁଝାଯାଇଛି । ହଜରତ ଆଏଶା[ର.ଅ] ବର୍ଣ୍ଣନା କରନ୍ତି, ଘରମାନଙ୍କରେ ଦୀପ ନଥିଲା ଯେତେବେଳେ ହୁଜୁର[ସ.ଅ] **ସଜ୍‌ଦା** କରୁଥିଲେ ସେତେବେଳେ ମୋତେ ହାତରେ ଦାବି ଦେଉଥିଲେ ଓ ମୁଁ ଗୋଡ଼ ସଂକୁଚିତ କରି ନେଉଥିଲି ଏବଂ ଯେତେବେଳେ ଛିଡ଼ା ହେଉଥିଲେ ସେତେବେଳେ ମୁଁ ଗୋଡ଼ ପ୍ରସାରିତ କରି ନେଉଥିଲି । ହଜରତ ଅବ୍ଦୁଲ୍ଲାଃ ଓ ହଜରତ ଅବ୍ଦୁଲ୍ଲାଃ ବିନ୍ ମସୁଦ୍[ର.ଅ] ବର୍ଣ୍ଣନା କରିଛନ୍ତି, ହୁଜୁର[ସ.ଅ] ଏକ ଚଟେଇ ଉପରେ ଶୋଇଥିଲେ ଯାହା ଶରୀରର ପାର୍ଶ୍ୱରେ ଚିହ୍ନ ବସାଇ ଦେଇଥିଲା । ଏହା ଦେଖି ହଜରତ ଅବ୍ଦୁଲ୍ଲାଃ ବିନ୍ ମସୁଦ୍[ର.ଅ] କାନ୍ଦି ପକାଇଲେ ଯେ **କୈଶର୍ ଓ କିସ୍‌ରା** (ରୋମ ଓ ପାରସ୍ୟ)ର ରାଜାମାନେ ତ ଅତ୍ୟନ୍ତ ମସୃଣ ଓ ପାଟବସ୍ତ୍ର ବ୍ୟବହାର କରୁଛନ୍ତି । ଏଥିରେ ମହାଭାଗ କହିଲେ; କାନ୍ଦ ନାହିଁ, ସେମାନଙ୍କ ପାଇଁ ଦୁନିଆ ଅଛି ଓ ଆମ ପାଇଁ ପରକାଳ ନିୟତ ରହିଛି । ମୋର ଓ ଏହି ଇହଜଗତର ଉଦାହରଣ ସେହି ଆରୋହୀ ପରି ଯିଏ ଗଛମୂଳେ ବିଶ୍ରାମ ନେଲା ପରେ ପୁଣି ନିଜର ଯାତ୍ରାରେ ବାହାରି ପଡିଥାଏ । ହଜରତ ଉମର[ର.ଅ] ଏକଦା ମହାଭାଗଙ୍କୁ ତାଙ୍କର ଉପର ମହଲାରେ ଚଟେଇ ଅବା ଅଖା ଉପରେ (ବିଶ୍ରାମ କରିବାର) ଦେଖିଲେ, ଯାହାର ଚିହ୍ନ ହୁଜୁର[ସ.ଅ]ଙ୍କ ପବିତ୍ର ଶରୀରରେ ପଡିଥିଲା ଏବଂ ମୁଣ୍ଡ ତଳେ ଖଜୁରି ଛାଲର ତକିଆ ଥିଲା, ତାହା ଦେଖି ସେ କାନ୍ଦି ପକାଇଲେ । ଏଥିରେ ମହାଭାଗ କହିଲେ; **ତୁମେ କ'ଣ ଏଥିରେ ପସନ୍ନ ନୁହଁ ଯେ ସେମାନଙ୍କ ପାଇଁ ଇହକାଳ ହେଉ ଓ ଆମ ପାଇଁ ପରକାଳର ସଫଳତା ପ୍ରାପ୍ତି ହେଉ** । ହଜରତ ମସିହ ମଉଦ[ଅ.ସ] ଏହି ଘଟଣାର ଉଲ୍ଲେଖ କରିଛନ୍ତି, ଯେ ହୁଜୁର[ସ.ଅ] କହିଲେ; ମୁଁ ତ ସେହି ଯାତ୍ରୀ ପରି ଯିଏ ଓଟ ଉପରେ ଆରୋହଣ କରି ଗ୍ରୀଷ୍ମଋତୁରେ ଗଛର ଛାଇରେ ବିଶ୍ରାମ ନିଏ ଓ ଝାଳ ଶୁଖିବା ମାତ୍ରେ ନିଜ ବାଟରେ ଚାଲିଯାଏ ।

ହଜରତ ମୁସଲେହ ମଉଦ[ର.ଅ] ହୁଜୁର[ସ.ଅ]ଙ୍କ ପବିତ୍ର ଜୀବନୀ ଉପରେ ଯାହା ଲିପିବଦ୍ଧ କରିଛନ୍ତି ତାର ସାରାଂଶ ହେଉଛି, ହୁଜୁର[ସ.ଅ] ସମ୍ପତ୍ତି ବଣ୍ଟନରେ ଏତେ ସତର୍କ ଥିଲେ ଯେ ହଜରତ ଫାତିମା[ର.ଅ] ଓ ହଜରତ ଅଲୀ[ର.ଅ]ଙ୍କ ଅଧିକାର ଥିବା ସତ୍ତ୍ୱେ ମଧ୍ୟ ତାଙ୍କୁ ଚାକର ଦେଲେ ନାହିଁ । ଯାହା ଫଳରେ ଭବିଷ୍ୟତରେ ରାଜାମାନେ ଜନସାଧାରଣଙ୍କ ସମ୍ପତ୍ତିକୁ ନିଜ ପାଇଁ ବୈଧ ବୋଲି ବିବେଚନା କରି ନବସନ୍ତି । ହଜରତ ଅଲୀ[ର.ଅ]ଙ୍କ ଅନୁଯାୟୀ ହଜରତ ଫାତିମା[ର.ଅ]ଙ୍କ ଯୌତୁକରେ କେବଳ ଗୋଟିଏ ପାଟଚାଦର, ଚମଡାର ଗଦା ଯେଉଁଥିରେ ଖଜୁରି ପତ୍ର ଭରା ଯାଇଥିଲା, ଦୁଇଟି ଅଟା ପେସା ଚକି, **ମଶ୍‌କିଯାଃ** (ଜଳଥଳୀ) ଓ ଦୁଇଟି ହାଣ୍ଡି ଥିଲା । ହଜରତ ଆଏଶା[ର.ଅ] ଓ ହଜରତ ଉମ୍ମେ ସଲ୍‌ମା[ର.ଅ] ମାଟିରେ ଉକ୍ତ କୋଠରୀକୁ ଲିପାପୋଛା କରିଥିଲେ । ଖଜୁରୀ ଛାଲିର ଦୁଇଟି ତକିଆ ପ୍ରସ୍ତୁତ କରିଥିଲେ । ଖଜୁରି, ଅଙ୍ଗୁର ଓ ମିଠା ପାଣି (ଲୋକମାନଙ୍କୁ) ପିଆଇ ଥିଲେ ଏବଂ କହିଲେ; ଆମେ ହଜରତ ଫାତିମା[ର.ଅ]ଙ୍କ ବିବାହ ଠାରୁ ଅଧିକ ଭଲ ତଥା ସରଳ ବିବାହ ଦେଖି ନାହୁଁ ।

ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି; ପରିଣତି ବୟସରେ ହୁଜୁର[ସ.ଅ] ଜଣେ ମହାରାଜା ଥିଲେ, ତଥାପି କୌଣସି ପାର୍ଥିବ ଲାଭ ହାସଲ କଲେ ନାହିଁ । ନା ଜମିବାଡିକୁ ନିଜର ବୋଲି ଘୋଷଣା କଲେ ଓ ନା ଉତ୍ତରାଧିକାରୀ ଭାବେ (କିଛି) ବଣ୍ଟନ କଲେ । ମହାଭାଗଙ୍କ ତିରୋଧାନ ସମୟରେ ତ ଖର୍ଚ୍ଚ ବହନ କରିବା ପାଇଁ ଘରର ସାମଗ୍ରୀଗୁଡ଼ିକ ବନ୍ଧା ପଡିଥିଲା । ଯେତେବେଳେ ଯୁଦ୍ଧ ଅର୍ଜିତ ଧନସମ୍ପତ୍ତିରୁ ହଜରତ ଫାତିମା[ର.ଅ] ଜଣେ ଦାସୀଙ୍କୁ ମାଗିଲେ ସେତେବେଳେ ହୁଜୁର[ସ.ଅ] କହିଲେ; ଏହା ମୋର ନୁହେଁ । ବରଂ ସେସବୁ ଅଲ୍ଲାଃଙ୍କର, **ତୁମେ ଅଲ୍ଲାଃଙ୍କର ସ୍ମରଣ କର ଓ ଦାସୀର ଚିନ୍ତା ପରିତ୍ୟାଗ କର ।**

ଅସୱଦ୍[ରା.ଅ] ବର୍ଣ୍ଣନା କରନ୍ତି, ହଜରତ ଆଏଶା[ରା.ଅ] କହିଥିଲେ; ହୁଜୁର[ସ.ଅ] ଘର ଲୋକଙ୍କ କାମଧନ୍ଦାରେ ସାହାଯ୍ୟ କରୁଥିଲେ । ପୁଣି ଯେତେବେଳେ ନମାଜର ସମୟ ହେଉଥିଲେ, ନମାଜ ପାଠ କରିବାକୁ ଚାଲି ଯାଉଥିଲେ । ହଜରତ ହସନଃ ବିନ୍ ଖାଲିଦ୍ ଓ ହଜରତ ସୱାଦ୍ ବିନ୍ ଖାଲିଦ୍[ରା.ଅ] ହୁଜୁର[ସ.ଅ]ଙ୍କୁ କାନ୍ଥ ମରାମତି କରୁଥିବାର ଦେଖି ସହଯୋଗ କରିଥିଲେ । ହଜରତ ଆଏଶା[ରା.ଅ] ବର୍ଣ୍ଣନା କରନ୍ତି, ହୁଜୁର[ସ.ଅ] ଅନ୍ୟମାନଙ୍କ ପରି ଜଣେ ସାଧାରଣ ମନୁଷ୍ୟ ଥିଲେ । ନିଜ ପୋଷାକ ନିଜେ ସଫା କରି ନେଉଥିଲେ, ଛେଳିର କ୍ଷୀର ସଂଗ୍ରହ କରି ନେଉଥିଲେ ଓ ନିଜ କାମ ସ୍ୱୟଂ କରୁଥିଲେ । ଅମାନ୍ୟକାରୀମାନେ କହୁଥିଲେ; ଏହା କିପରି ରସୁଲ ଯିଏ ଖାଦ୍ୟ ଖାଆନ୍ତି, ବଜାରରେ ଚଲାବୁଲା କରନ୍ତି । ହୁଜୁର[ସ.ଅ]ଙ୍କ ବିନମ୍ରତା ଓ ସରଳତା ମାର୍ଗ ଆପଣାଇ ଥିଲେ ଓ ଅହଂକାରରୁ ବର୍ତ୍ତିବାର ବ୍ୟବହାରିକ ଶିକ୍ଷା ଦେଇଥିଲେ । ହଜରତ ଅବୁ ହୁରେରାଃ[ରା.ଅ]ଙ୍କ ଠାରୁ ବର୍ଣ୍ଣିତ ଯେ ହୁଜୁର[ସ.ଅ] କହିଲେ; ଅଲ୍ଲାଃ ଏପରି କୌଣସି ନବୀ ପ୍ରେରଣ କରି ନାହାନ୍ତି ଯିଏ ଛେଳି ଚରାଇ ନାହାନ୍ତି ଓ ମୁଁ ମଧ୍ୟ କିଛି ମଜୁରୀ ବଦଳରେ ମକ୍କାବାସୀଙ୍କ ଛେଳି ଚରାଇଛି । ଏହିପରି ସୁରଃ କସସ୍ର ଆୟତ ସଂଖ୍ୟା-୨୮,୨୯ରେ ହଜରତ ମୁସା[ଅ.ସ]ଙ୍କର ମଜୁରୀରେ କାମ କରିବାର ଉଲ୍ଲେଖ ରହିଛି । ଶାରେହୀନ୍ ଓ ସୈୟଦ୍ ଜୈନୁଲ୍ ଆବେଦୀନ୍ ୱଲିଉଲ୍ଲାଃ ଶାଃ ସାହେବ ସ୍ପଷ୍ଟ କରିଛନ୍ତି ଯେ 'କରାରୀତ୍' ହେଉଛି 'କିରାତ୍'ର ବହୁବଚନ, ଯାହା ଚାର୍ ରତି (୪୮୬ମିଲିଗ୍ରାମ୍) ରୂପା ସମାନ **ଦିରହମ୍** (ଧନରାଶି)ର ଏକ ଅଂଶ ଥିଲା ଅର୍ଥାତ୍ ଏହା ମଜୁରୀ ଥିଲା କୌଣସି ସ୍ଥାନର ନାମ ନୁହେଁ । ଅଲ୍ଲାମା ବୁରହାନୁଦ୍ଦୀନ୍ ହଲ୍ବୀ ମଧ୍ୟ ଏହା ହିଁ ଲେଖିଛନ୍ତି । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ହୁଜୁର[ସ.ଅ] ପ୍ରାରମ୍ଭିକ ଜୀବନ ଅନାଥ ଓ ଅସହାୟ ଅବସ୍ଥାରେ ଅତିବାହିତ କରିଥିଲେ, ଛେଳି ଚରେଇ ଥିଲେ । ନବୀମାନଙ୍କ ସହିତ ଦରିଦ୍ରତାର ଭାଗ ଏଥିପାଇଁ ରଖାଗଲା ଯଦ୍ୱାରା ସେମାନଙ୍କ ଅନ୍ତରରେ ଅହଂକାର ଭାବ ଉତ୍ପନ୍ନ ହିଁ ନହେବ ।

ଥରେ ହୁଜୁର[ସ.ଅ] ଜଙ୍ଗଲ ମଧ୍ୟ ଦେଇ ଯାଉଥିବା ସମୟରେ ନିଜ ସାଥୀମାନଙ୍କୁ ଗୋଟିଏ ଗଛର ମିଠା ଫଳ ଖାଇବାକୁ କହିଲେ ଓ ଏକଥା ମଧ୍ୟ ପ୍ରକାଶ କଲେ ଯେ ଛେଳି ଚରାଇବା ସମୟରେ ମୁଁ ଏହି ଫଳ ଖାଉଥିଲି । ହଜରତ ମୁସଲେହ ମଉଦ[ରା.ଅ] କୁହନ୍ତି; ରୋମ ଓ ଇରାନ୍ର ଶାସକଙ୍କ ସହିତ ଚିଠିପତ୍ର ଓ ରାଷ୍ଟ୍ରଦୂତମାନଙ୍କ ଆଗମନ ସତ୍ତ୍ୱେ ହୁଜୁର[ସ.ଅ] କୌଣସି ଦାସଙ୍କ ଦଳ କିମ୍ବା ଚାକର ରଖି ନଥିଲେ, ବରଂ ଘରର କାମ ନିଜେ କରୁଥିଲେ । ସଂସାରର ସମ୍ରାଟ ହୋଇ ମଧ୍ୟ ଫକୀର ଓ ସରଳ ଜୀବନ ଆପଣାଇବା ତଥା ଲକ୍ଷ ଲକ୍ଷ ଟଙ୍କା ଲୋକଙ୍କ ମଧ୍ୟରେ ବାଣ୍ଟି ଦେଇ ନିଜ ଘରର କାମ ନିଜେ କରିବା କେବଳ ଆମ ପ୍ରିୟ ମୁନିବ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କର ବିଶେଷତ୍ୱ ଅଟେ ।

**ଖୁତ୍ବା**ର ପରିଶେଷରେ ମହାମାନ୍ୟ ହୁଜୁର ଅନୱର[ଅ.ବ] ଅତ୍ୟାଚାରୀତ ଅହମଦିମାନଙ୍କ ପାଇଁ ଦୁଆ କରିବାକୁ ଆହ୍ୱାନ ଦେଲେ । ଯେଉଁଠାରେ ସ୍ୱାର୍ଥପର ଓ ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକ ଅହମଦୀମାନଙ୍କ ଉପରେ ଅତ୍ୟାଚାର କରୁଛନ୍ତି । ସରକାରୀ କର୍ମଚାରୀମାନେ ସେମାନଙ୍କର ପୃଷ୍ଠପୋଷକତା କରୁଛନ୍ତି । ବିଚାରପତିମାନେ ମୌଲବୀମାନଙ୍କ ଭୟରେ ସେମାନଙ୍କୁ ଜାମିନ ଦେଉ ନାହାନ୍ତି । ସେହିପରି ମାଲେସିଆରେ ମଧ୍ୟ ଜମାଅତ ବିରୋଧରେ ପରିସ୍ଥିତି ସଙ୍ଗିନ ରହିଛି, ସେଠାରେ ଥିବା ଜମାଅତର ମସଜିଦ୍‌ଗୁଡ଼ିକ ଉପରେ ଚଢାଉ କରାଯାଉଛି । ଅଲ୍ଲାଃତାଲା ମାଲେସିଆ ଅହମଦିମାନଙ୍କୁ ମଧ୍ୟ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । ଆମିନ୍ ।

---

ଅଲ୍‌ହମ୍ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ ଇନ୍ନଲ୍ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

*** *** *** *** ***

Khulasa Khutba Juma Huzoor Anwar a.b.a

16th October 2026

*Translated to Odia by :* Moulavi Anwar Ahmad Khan